୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday November 04 ଭୁବନେଶ୍ୱର ମଙ୍ଗଳବାର, ୦୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପରିବେଶ ପ୍ରେମର ପରିଚୟ -ବନ୍ୟପ୍ରାଣୀ ସଂରକ୍ଷଣରେ ଅଭୁତ ଅବଦାନ ପାଇଁ ତାପସ କୁମାର ଦଳାଇଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର



ରାୟଗଡ଼ା,(ପି.ଏନ): ବନ୍ୟପ୍ରାଣୀ ଓ ପକ୍ଷୀ ସଂରକ୍ଷଣ ପ୍ରତି ଜଣେ ସାଧାରଣ ଶିକ୍ଷକଙ୍କ ଅସାଧାରଣ ପ୍ରେମ ଏବଂ ସେବା ରାଜ୍ୟସ୍ତରରେ ସ୍ୱୀକୃତି ମିଳିଲା । ରାୟଗଡ଼ା ସବ୍-ଡିଭିଜନର ଶିକ୍ଷକ ଶ୍ରୀ ତାପସ କୁମାର ଦଳାଇଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ "ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର" ଦିଆଗଲା । ପେସାରେ ଜଣେ ଶିକ୍ଷକ ହେଲେ ମଧ୍ୟ, ତାପସଙ୍କ ମନରେ ପ୍ରକୃତି ପ୍ରତି ଭଲପାଇବା ଓ ପଶୁପକ୍ଷୀ ପ୍ରତି ମମତା ତାଙ୍କୁ ଅନ୍ୟମାନଙ୍କୁ ଠାରୁ ଅଲଗା କରିଛି । ସେ ବିଦ୍ୟାଳୟ ଓ ଗ୍ରାମ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚାଲାଇ ଆସୁଛନ୍ତି, ପକ୍ଷୀ ଓ ପଶୁମାନଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା ହେଉ କି ବନ୍ୟପ୍ରାଣୀଙ୍କ ସୁରକ୍ଷା ସନ୍ଦେଶ -ସବୁଠି ତାଙ୍କ ନିଜସ୍ୱ ଅଭିଯାନ ଚାଲିଛି ।ଏହି ସଫଳତା ପାଇଁ କୋରାପୁଟ ଆଂଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ତରଫରୁ ବିଭିନ୍ନ ସବ୍-ଡିଭିଜନର ମଧ୍ୟରୁ ମାତ୍ର ଛଅ ଜଣଙ୍କୁ ଚୟନ କରାଯାଇଥିଲା । ସେଥିରେ ରାୟଗଡ଼ା ସବ୍-ଡିଭିଜନରୁ ଶ୍ରୀ ତାପସ କୁମାର ଦଳାଇ ଏବଂ ଗୁଣପୁର ସବ୍-ଡିଭିଜନରୁ ଶ୍ରୀ ଗୌରାଙ୍ଗ ଚରଣ ରାଉତ ଚୟନିତ ହୋଇଥିଲେ ।ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ସୁବ୍ରତ କୁମାର ଆଚାରୀଙ୍କ ହସ୍ତରେ ସେମାନଙ୍କୁ ପ୍ରମାଣପତ୍ର ସହିତ ପଚିଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ରାୟଗଡ଼ ରେଞ୍ଜ ଅଫିସର ଶ୍ରୀ କାମେଶ୍ୱର ଆଚାରୀ ଓ ବନ ବିଭାଗର ଅନେକ କର୍ମଚାରୀ ଉପସ୍ଥିତ ଥିଲେ ।

ପୁରସ୍କାର ଗ୍ରହଣ କରି ତାପସ ଦଳାଇ କହିଛନ୍ତି, "ପରିବେଶ ଓ ପଶୁପକ୍ଷୀ ଆମ ଜୀବନର ଅଂଶ । ଘରେ ଥିବା ପ୍ରତ୍ୟେକ ବ୍ୟକ୍ତି ଯଦି ଗୋଟିଏ ଡିଶ୍ ଜଳ ଓ କିଛି ଅନ୍ନ ରଖିଦିଅନ୍ତି, ତେବେ ଅନେକ ଜୀବନ ରକ୍ଷିତ ହେବ ।"ସେ ଆହୁରି କହିଛନ୍ତି ଯେ, ଏହି ସମ୍ମାନ ତାଙ୍କ ପିତାମାତା, କଲ୍ୟାଣସିଂହପୁର ରେଞ୍ଜ ଅଫିସର ଶ୍ରୀ ଚନ୍ଦନ ଗମାଙ୍ଗ, ବିଦ୍ୟାଳୟର ସହକର୍ମୀ ଓ ଗ୍ରାମବାସୀମାନଙ୍କ ଭଲପାଇବା ଓ ସହଯୋଗର ଫଳ । ତାପସଙ୍କ ଏହି ଉଦାହରଣ ରାୟଗଡ଼ା ଜିଲ୍ଲାରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ନୂଆ ପ୍ରେରଣା ସୃଷ୍ଟି କରିଛି — ଯେଉଁଠାରେ ଜଣେ ଶିକ୍ଷକ ନିଜ ପ୍ରୟାସରେ ପରିବେଶକୁ ସୁରକ୍ଷିତ ଓ ସଜୀବ ରଖିବାର ମିଶନ ନେଇଛନ୍ତି ।

# ପଂଚାୟତ ସ୍ତରୀୟ ଓବିସି ମଂଚର କର୍ମକର୍ତା ଚୟନ



ଧର୍ମଗଡ଼ ,(ପି ଏନ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବୋଡ଼େନ ଓ ତରାପୁର ଗ୍ରାମ ପଂଚାୟତ ଓବିସି ମଂଚ ତରଫରୁ ସମାଜର ସାମ୍ବିଧାନିକ ହକ ଅଧିକାର ପାଇଁ ଓବିସି ମଂଚ ଜିଲ୍ଲା ସଭାପତି ଡମ୍ବରୁଧର ଲହଜଳଙ୍କ ସଭାପତିତ୍ୱରେ ଓ ବ୍ଲକ ସଭାପତି ପ୍ରମୋଦ ହଂସ ଙ୍କ ନେତୃତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ସଂପାଦକ ଏକାଦଶୀ ଗୋପାଳ,ସହ ସଂପାଦକ ସଂତୋଷ ଭୋଇ,କୋଷାଧକ୍ଷ ଘନଶ୍ୟାମ ଭାଟି, ବ୍ଲକ ଯୁବ ସଂପାଦକ ସୁଧୀର ଗୋପାଳ,ଯୁବ ସଭାପତି ତଥା ଯୋନ-୩ ଜିଲ୍ଲାପରିଷଦ ପ୍ରଣବ ଭଇଁସାଲ,ଜିଲ୍ଲା ସଂଯୋଜକ ଡାକେଶ୍ୱର ଲହଜଳ, ସାଙ୍ଗଠନିକ ସଂପାଦକ ଭବାନୀ ବଣିଆ,ଏନଏସି ଯୁବ ସଭାପତି ସୋମ୍ୟ ରଂଜନ ନାଏକ, ଶିକ୍ଷାବିତ ଗିରିଧର ସାହୁ, ପ୍ରମୁଖ ଯୋଗଦାନ କରି ଓବିସି ମାନଙ୍କ ସାମ୍ବିଧାନିକ ହକ,ଅଧିକାର ଓ ସମାନୁପତିକ ପ୍ରତିନିଧିତ୍ୱ, ଜନଗଣନା, ଉଚ୍ଚଶିକ୍ଷା,ବୃତିଗତ ଶିକ୍ଷା, ନିଯୁକ୍ତିରେ ଓବିସିଙ୍କୁ ୨୭% ସ୍ଥାନ ସଂରକ୍ଷଣ ବିଷୟରେ ଆଲୋଚନା କରିଥିଲେ । ଅଗାମୀ ଦିନରେ ଓବିସି ସମାଜକୁ ସୁସଂଗଠିତ କରି ଆଗକୁ ବଂଚାଇବା ପାଇଁ ବୋଡ଼େନ ପଂଚାୟତ ଓବିସି ମଂଚ କମିଟି ଗଠନ ହୋଇଥିଲା । ସଭାପତି ଭାବେ ରାଜେନ୍ଦ୍ର ଗୋପାଳ, ସଂପାଦକ ପ୍ରଭାତ ନାଏକ,ସହ ସଂପାଦକ ବଦ୍ରିନାଥ ଗୋପାଳ, କୋଷାଧକ୍ଷ ସୁଶାନ୍ତ ନିଆଲ, ସଂଗଠନ ସଂପାଦକ ଭଗବାନ ମାଝୀ , ଉପ ସଭାପତି ଅକ୍ଷ ସାଙ୍କୁ ମନୋନୀତ କରାଯାଇଥିଲା ।ସେହିପରି ତରାପୁର ପଂଚାୟତ ଓବିସି ମଂଚ କମିଟି ସଭାପତି ଭାବେ ଗୋବିନ୍ଦ ଲହଜଳ, ଉପସଭାପତି ଲିଙ୍ଗ ବାରିହା, କାର୍ଯ୍ୟକାରୀ ସଭାପତି ନରେଶ ପଟେଲ, ସଂପାଦକ ସଂଜୀବ ସାହୁ, ସହ ସଂପାଦକ ବବୃ ବାହାନ ବିଶି, ସଂଗଠନ ସଂପାଦକ ସିଦ୍ଧେଶ୍ୱର ସାହୁ,କୋଷାଧକ୍ଷ ଲୋକନାଥ ବାରିହା,ଯୁବ ସଭାପତି ନରେନ୍ଦ୍ର ପଟେଲ, ସଂପାଦକ ମୁକେଶ ଲହଜଳ,କୋଷାଧକ୍ଷ ସୁନୀଲ ନାଏକଙ୍କୁ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ଲକ ଓବିସି ମଂଚ ସଂପାଦକ ଏକାଦଶୀ ଗୋପାଳ ପରିଚାଳନା କରିଥିଲେ ।

# ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ ତମ ଜନ୍ମ ବାର୍ଷିକ ଉପଲକ୍ଷେ ଏକତା ଦୌଡ଼ କାର୍ଯ୍ୟକ୍ରମର ପଦଯାତ୍ରା ଅୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ



ଜଗତସିଂହପୁର,(ପି ଏନ), ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ ତମ ଜନ୍ମ ବାର୍ଷିକ ଉପଲକ୍ଷେ ଏକତା ଦୌଡ଼ କାର୍ଯ୍ୟକ୍ରମର ପଦଯାତ୍ରା ଅୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମାନ୍ୟବର ସାଂସଦ, ଜଗତସିଂହପୁର ଶ୍ରୀ ବିଭୁ ପ୍ରସାଦ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ମାନ୍ୟବର ସାଂସଦ କହିଥିଲେ ଯେ ଏକତା କହିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ କଥା ମନେ ପଡ଼େ ଓ ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେଇ ଆମେ ସମସ୍ତଙ୍କ ଗଠନମୂଳକ ମତରେ ମିଳିମିଶି ଏହି ପଦଯାତ୍ରା କାର୍ଯ୍ୟକ୍ରମ ଟିକୁ ସଫଳ କରିବା । ଏକ ଭାରତ ଆତ୍ମ ନିର୍ଭର ଭାରତ ବିଷୟ କେନ୍ଦ୍ରିତ ଏହି କାର୍ଯ୍ୟକ୍ରମ ଟି କିପରି ଆକର୍ଷଣୀୟ ହେବ ସେଥିପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ସମସ୍ତ ଜନ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସେ ତାଙ୍କ ମତ ରଖିଥିଲେ । ସବୁ ବର୍ଗ ଯଥା ଛାତ୍ର ଛାତ୍ରୀ, ଯୁବ ସମାଜ, ସମାଜସେବୀ, ସ୍ୱଂୟ ସହାୟକ ଗୋଷ୍ଠୀ ଓ ଜନସାଧାରଣ ଏହି ପଦଯାତ୍ରାରେ ଯୋଗ ଦେବେ ବୋଲି ସେ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ ସଭାପତିତ୍ୱ କରି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗୀତା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଭଳି ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ ଓ ବହୁଳ ମାତ୍ରାରେ ସମସ୍ତେ ଏହି ପଦଯାତ୍ରାରେ ଯୋଗ ଦେବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଧନ୍ୟବାଦ ଅର୍ପଣ କରି ପଦଯାତ୍ରାରେ ସମସ୍ତେ ଯୋଗ ଦେବା ପାଇଁ କହିଥିଲେ । ବୈଠକରେ ସମ୍ମାନନୀୟ ଅତିଥି ପୌର ପରିଷଦ ର ଅଧ୍ୟକ୍ଷା ଶ୍ରୀମତି ଅର୍ଚ୍ଚନା ସିଂହ,ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟାପକ ଉପସ୍ଥିତ ଥିଲେ ।

# ଭାରତ ଆକାଶର ଉଜ୍ଜ୍ୱଳ ଜ୍ୟୋତିଷ୍କ : ପ୍ରଚାରକ ଅନନ୍ତ ମିଶ୍ର




ସାକ୍ଷୀଗୋପାଳ,(ପି.ଏନ): ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଓଡ଼ିଶା, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଆ ,ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ସ୍ଥାନୀୟ ପୁରୀ ଜିଲ୍ଲା ସଂସ୍କୃତି ଭବନରେ ସତ୍ୟବାଦୀ ସପ୍ତସଖା ଗୋଷ୍ଠୀର ଏକନିଷ୍ଠ କର୍ମଯୋଗୀ ଉତ୍କଳ ଦଧୀଚି ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ପ୍ରଥମ ଅଧିବେଶନରେ ଡକ୍ଟର ହେମନ୍ତ କୁମାର ଛୋଟରାୟ ପୌରୋହିତ୍ୟ କରିଥିଲେ । ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ତଥା ପିତାମହ ଭୀଷ୍ମ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନୀ ଭାଷଣରେ ଅତ୍ୟନ୍ତ ଦୁଃଖରେ କହିଥିଲେ ଯେ, ଏ ଓଡ଼ିଆ ଜାତି ପ୍ରଚାରକ ଅନନ୍ତଙ୍କୁ ଭୁଲିଯାଉଛି । ସରକାରୀ ଅବହେଳା ଆଦୌ ଗ୍ରହଣୀୟ ନୁହେଁ । ତାଙ୍କ ପାଇଁ ଆମର ହୃଦୟ ଖୋଲିଦେବା ଦରକାର । ମୁଖ୍ୟବକ୍ତା ଭାବରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଯୋଗଦେଇ କହିଥିଲେ ପ୍ରଚାରକ ଅନନ୍ତ ମିଶ୍ର ଥିଲେ ସମଗ୍ର ଓଡ଼ିଶାର ଦର୍ପଣ । ସେ ସମସ୍ତଙ୍କର ଆଖି ଖୋଲିଦେଇଥିଲେ । ସେ ଥିଲେ କୋଟି ଓଡ଼ିଆଙ୍କର ପ୍ରାଣର ପ୍ରାଣ । ପ୍ରଚାରକ ଅନନ୍ତ ନ ଥିଲେ ସତ୍ୟବାଦୀଯୁଗର ପ୍ରଚାର ସମ୍ଭବ ହୋଇ ନ ଥାଆନ୍ତା । ବିଶିଷ୍ଟ ବକ୍ତା ଭାବରେ ଡ. ଶକୁନ୍ତଳା ବଳିଆରସିଂହ କହିଥିଲେ ପ୍ରତିଜ୍ଞା ପୀଠରେ ହେଉକି ବକୁଳବନରେ ହେଉ, କାହିଁକି ଏପରି ନିସ୍ୱାର୍ଥୀ ମହାମାନବଙ୍କର ମୂର୍ତ୍ତି ହେଉନାହିଁ । ଅଭ୍ୟର୍ଥନା ଅଧ୍ୟକ୍ଷ ଭାବରେ ପୁରୀର ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତ୍ୟନ୍ତ କ୍ଷୋଭର ସହିତ କହିଲେ ଯେ ଏପରିଜଣେ ମହାପୁରୁଷ ଥିଲେ ଯିଏ ନିଜର ଘରବାଡ଼ି ବିକି ବିଛିନ୍ନାଂଚଳରେ ଭାଷା ସାହିତ୍ୟର ସୁରକ୍ଷା କରିବା ସହିତ ବିଦ୍ୟାଳୟ ଗଠନ କରିଥିଲେ । ବନବିଦ୍ୟାଳୟର ସେ ଥିଲେ ପୃଷ୍ଠପୋଷକ କର୍ମୀ, ଶିକ୍ଷକ ନିଯୁକ୍ତି କରିବାଠାରୁ ଆରମ୍ଭ କରି ଉତ୍କଳ ସମ୍ମିଳନୀର ଅବୈତନିକ ପ୍ରଚାରକ ଭାବରେ ସାରା ଜୀବନକୁ ଯିଏ ତଳିତଳାନ୍ତ କରିଥିଲେ, ତାଙ୍କ ପାଇଁ ମୂର୍ତ୍ତିଟିଏ ନ ହେବା ଦୁଃଖର କଥା । ସରକାରୀ ସ୍ତରରେ ପାଳନ ହେବା ପାଇଁ ମୁ ନିବେଦନ କରିବି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ବାଲସାହିତ୍ୟ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଏ ଜାତିଟି ଆଉ ପାଦେ ଆଗକୁ ଯାଉ ବୋଲି ଯେଉଁ ସଂକଳ୍ପ କରିଥିଲେ ପ୍ରଚାରକ ଅନନ୍ତ , ତାହା କେବେ ନିଷ୍ଫଳ ଯିବନାହିଁ । ଏହାପରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ସର୍ବୋଚ୍ଚ ସମ୍ମାନ ପ୍ରଦାନ ଅବସରରେ ସ୍ୱନାମଧନ୍ୟା ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂହଙ୍କୁ ସତ୍ୟବାଦୀ ସପ୍ତସଖା ଭାଷା ସମ୍ମାନ, ବାଲସାହିତ୍ୟ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ ରାଜକିଶୋର ପାଢୀଙ୍କୁ ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି କଥା ସମ୍ମାନ, ଡ. ବିଶ୍ୱନାଥ ବଳିଆରସିଂହଙ୍କୁ ଉତ୍କଳ ଗୁରୁବ୍ରହ୍ମା ସମ୍ମାନ, ଶ୍ରୀ ରଞ୍ଜିତ୍ ସେଠୀଙ୍କୁ ଉତ୍କଳ ଗୁରୁରତ୍ନ ସମ୍ମାନ, ଶ୍ରୀମତୀ ସୁବାସିନୀ ଧଳଙ୍କୁ ଉତ୍କଳ ସାରସ୍ୱତ ସମ୍ମାନ ଏବଂ ପଦ୍ମଲୋଚନ ମହାପାତ୍ରଙ୍କୁ ସତ୍ୟବାଦୀ ସପ୍ତସଖା ସେବା ସମ୍ମାନ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ବାର୍ଷିକ ପତ୍ରିକା ଭାଷା ସମ୍ମିଳନୀର ଉନ୍ମୋଚନ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ଡ. ମୀନକେତନ ପଟ୍ଟଯୋଶୀଙ୍କ ସଂଯୋଜନା କ୍ରମେ ସତ୍ୟବାଦୀ ଗବେଷକ ଭୀମସେନ ମହାପାତ୍ରଙ୍କ ପୌରହିତ୍ୟରେ କବିତାପାଠୋତ୍ସବରେ ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ବିଶାଖା ଦେବୀ, ସୁନନ୍ଦା ମହାନ୍ତି ସଂଯୋଜନାରେ ଏକ ଶହରୁ ଉର୍ଦ୍ଧ୍ୱ କବି କବିତାପାଠ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ର. ଅଦ୍ୱୈତ ଚରଣ ଧଳ ଯୋଗଦେଇ ସାହିତ୍ୟ ସମାଜରେ ଶାନ୍ତି ବାଂଟି ଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ପ୍ର. ହରପ୍ରିୟା ଦାଶ, ବିଶିଷ୍ଟ ଅତିଥି ଡ. ବଳରାମ ଦାଶ, ବରିଷ୍ଠ ଶିକ୍ଷାବିତ୍ କାହ୍ନୁଚରଣ ପ୍ରଧାନ ଯୋଗଦେଇ କହିଲେ ସାହିତ୍ୟ ହେଉଛି ଗୋଟିଏ ଜାତିର ମେରୁଦଣ୍ଡ । ଏଥିରେ ସହଯୋଗ କରିଥିଲେ କବି ବିଜୟ କୁମାର ପରିଡ଼ା, ନବଘନ ଶତପଥୀ , ଆଶାଲତା ପ୍ରଧାନ, ହରପ୍ରିୟା କର, ମନୋରମା ଛାଟୋଇ, ଶିବାଶିଷ ସାହୁ, ରାଜେଶ ଭୋଇ, ଶିବଶମ୍ଭୁ ମାଛୁଆ, ଦୀନବନ୍ଧୁ ପ୍ରଧାନ, ଦୀପକ ସ୍ୱାଇଁ, ମିଶନ ପଲାଇ ପ୍ରମୁଖ । ପରିଶେଷରେ ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ବିଜୟ କୁମାର ଛାଟୋଇ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray